ପ୍ରମେୟ
୧୭
ଗୁରୁବାର,
୨୭ ଅଗଷ୍ଟ ୨୦୧୫

# ଆଇଆଇଟି ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ସ୍ମୃତି ଇରାନି

ଭୁବନେଶ୍ୱର, ୨୬।୮ (ବ୍ୟୁରୋ): ସେପ୍ଟେମ୍ବର ୧୨ ତାରିଖରେ ଭୁବନେଶ୍ୱର ଭାରତୀୟ ପ୍ରୋଦ୍ୟୋଗିକୀ ସଂସ୍ଥାନ(ଆଇଆଇଟି)ର ଚତୁର୍ଥ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ସ୍ମୃତି ଇରାନି ଯୋଗଦେବେ ବୋଲି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି.ରାଜାକୁମାର ସୂଚନା ଦେଇଛନ୍ତି।



ପ୍ରଫେସର ରାଜାକୁମାରଙ୍କ ସୂଚନା ଅନୁସାରେ ଅରୁଗୁଳ କ୍ୟାମ୍ପସ୍‌ରେ ପ୍ରଥମ ଥର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଚଳିତ ବର୍ଷ ୨୧୫ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ସେଥି ମଧ୍ୟରୁ ୧୦୯ ବିଟେକ୍, ୪୪ଜଣ ଏମଟେକ୍, ୧୨ ପିଏଚଡି ଓ ୫୦ଜଣ ଏମଏସସି ଡିଗ୍ରୀ ହାସଲ କରିବେ। ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମଙ୍କୁ ଯୋଗାଯୋଗ କରାଯାଇଥିଲା। ମାତ୍ର ତାଙ୍କ ଦୁଃଖଦ ଦେହାନ୍ତ ପରେ ଶ୍ରୀମତୀ ଇରାନିଙ୍କୁ ଅତିଥି ଭାବେ ଯୋଗ ଦେବାକୁ ଅନୁରୋଧ କରାଯାଇଥିଲା। ୧୨ ତାରିଖ ଦିନ ୧୧ଟାରେ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।